# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୧୯ ଫେବୃଆରୀ ୨୦୨୬

----

[ମୁଖ୍ୟମନ୍ତ୍ରୀ - ଯୋଜନା ଓ ସଂଯୋଜନ - ସୂଚନା ଓ ଲୋକ ସମ୍ପର୍କ - ପରିବହନ - ବାଣିଜ୍ୟ - ଜଳ ସମ୍ପଦ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ].

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ଗଭୀର ନଳକୂପ ଖନନ

***25 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ବିଗତ 5 ବର୍ଷରେ କେତେ ସଂଖ୍ୟକ ଚାଷୀ/ ହିତାଧିକାରୀ ଗଭୀର ନଳକୂପ ଖନନ ପାଇଁ ଆବେଦନ କରିଥିଲେ ଏବଂ ଏବେ ସୁଦ୍ଧା କେତେ ନଳକୂପ ଖନନ କରାଯାଇଛି ବିଳମ୍ବ ହେବାର କାରଣ କଣ ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ ନଳକୂପ ଖନନ କରାଯିବ ଏହାର ସମ୍ପୂର୍ଣ୍ଣ ବିବରଣୀ ବ୍ଲକୱାରୀ ପ୍ରଦାନ କରିବେ କି (ଖ) ବ୍ଲକରେ ଯଥା ବାଙ୍ଗିରିପୋଷି, ଶାମଖୁଣ୍ଟା ଓ କୁଳିଅଣା ବ୍ଲକରେ ଗଭୀର ନଳକୂପ ଖନନ ସଫଳ ହେବାରୁ ODEX ପଦ୍ଧତିରେ ଖନନ କରିବା ପାଇଁ ପଦକ୍ଷେପ ନେବେ କି ?

----

### କେନାଲ ଗୁଡିକର ଜଳ ଧାରଣ କ୍ଷମତା ବୃଦ୍ଧି

***31 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଭାର୍ଗବୀ ନଦୀରେ ଥିବା ଗୋବର୍ଦ୍ଧନପୁର ବ୍ୟାରେଜଠାରୁ ବାହାରିଥିବା କେନାଲଗୁଡିକର ଶଯ୍ୟା ପୋତି ହୋଇଯିବା ଓ ନଦୀରେ ଦଳ ଭର୍ତ୍ତି ହୋଇ ରହିଥିବାର ଖବର ସରକାରଙ୍କ ନିକଟରେ ଅଛି କି, ଯଦି ହଁ, କେନାଲଗୁଡିକର ଜଳଧାରଣ କ୍ଷମତା ବୃଦ୍ଧି କରିବା ଓ ପରିଷ୍କାର ରଖିବା ନିମନ୍ତେ କେନାଲଗୁଡିକର କଂକ୍ରିଟକରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବେ କି ?

----

## ବାଲେଶ୍ୱର ଠାରେ ଏକ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ସ୍ଥାପନ

*32 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ତଥା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତୋଟି ସ୍କୁଲ ଏବଂ କଲେଜରେ Disaster Risk Reduction (DRR) ତାଲିମ୍ ପ୍ରଦାନ କରାଯାଉଛି, ଏଥିସହିତ ବାଲେଶ୍ୱର ଠାରେ ଏକ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର (Disaster Management Training Centre) ସ୍ଥାପନ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

## ବାଲିଘାଟ ଉପରେ ବକେୟା ଥିବା GST

*33 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନସୁଧା ବାଲିଘାଟ ସଂଖ୍ୟା କେତେ ଏବଂ କେଉଁଠାରେ ଅବସ୍ଥିତ ଅଛି, ତାହାର ଏକ ତାଲିକା ପ୍ରଦାନ କରିବେ କି, ବର୍ତ୍ତମାନ ସମୟରେ ଏସବୁ ବାଲିଘାଟ ଉପରେ GST ବାବଦରେ ଅର୍ଥ ବକେୟା ରହିଥିବା କଥା ସତ୍ୟ କି, ଯଦି ସତ୍ୟ କାହିଁକି GST ଆଦାୟ କରାଯାଉନାହିଁ ?

----

## ଅର୍ଥ ମଞ୍ଜୁର ପାଇଁ ପଦକ୍ଷେପ

*34 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୋନପୁର ବିଜୁ ପଟ୍ଟନାୟକ Women's Collegeର building ତିଆରି ପାଇଁ W O D Cରୁ କେତେ ଟଙ୍କାର project sanction ହୋଇଥିଲା, ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଦିଆହୋଇଛି ଓ କେତେ ବାକି ଅଛି, ବାକି ଟଙ୍କା ଶିଘ୍ର ଦେବାର ବ୍ୟବସ୍ଥା କରିବେ କି ?

----

## ବନ୍ଦର ନିର୍ମାଣ

*35 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ବନ୍ଦର ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାର ବିଚାର କରୁଛନ୍ତି କି, କେନ୍ଦ୍ରରୁ ଅର୍ଥ ଆଣି କେତେ ବନ୍ଦର ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ବନ୍ଦର ୱାରି ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ କେତେଗୋଟି ସ୍ଥାନରେ କେଉଁଠି ବନ୍ଦର ପାଇଁ ପ୍ରସ୍ତାବ ଅଛି, ଉକ୍ତ ପ୍ରସ୍ତାବ ଗୁଡିକର ସ୍ଥିତାବସ୍ଥା କଣ ଏବଂ ଚାନ୍ଦିପୁର ଠାରେ ଏକ ବୃହତ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ପ୍ରସ୍ତାବ ଅଛି କି, ଏହି ପ୍ରକଳ୍ପ ସମ୍ବଳିତ ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## ସମ୍ବାଦ ପତ୍ର ଓ ମିଡିଆ ସଂସ୍ଥାକୁ ସମାନ ସୁଯୋଗ

***36 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଛୋଟ ଓ ଅଞ୍ଚଳୀୟ ସମ୍ବାଦ ପତ୍ର ଓ ମେଡ଼ିଆ ସଂସ୍ଥା ମାନଙ୍କୁ ସମାନ ସୁଯୋଗ ଦେବାପାଇଁ ସରକାର କିଛି ବିଶେଷ ନିତି ଆରମ୍ଭ କରିଛନ୍ତି କି ?

----

## ରାଉରକେଲା ବିମାନ ବନ୍ଦରର ସଂପ୍ରସାରଣ

***37 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଉରକେଲା ବିମାନ ବନ୍ଦରର ସଂପ୍ରସାରଣ କାର୍ଯ୍ୟ କେବେ ଆରମ୍ଭ ହେବ, ଏଠାରୁ ନିୟମିତ ବିମାନ ଚଳାଚଳ କେବେଠାରୁ ଆରମ୍ଭ ହେବ, ପୂର୍ବରୁ ୭୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରୁଥିଲା କିନ୍ତୁ ତାହାକୁ କମାଇ ୯ ସିଟ୍ ବିଶିଷ୍ଟ କରାଯାଇଛି, ଯାହା ଫଳରେ ରାଉରକେଲାର ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ରାଉରକେଲାରେ ନିୟମିତ ବିମାନ ଚଳାଚଳ ଏବଂ ବିମାନ ବନ୍ଦର ସଂପ୍ରସାରଣ ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଇଛି ?

----

## ବନ୍ୟା ସମସ୍ୟାର ସମାଧାନ

***38 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ବ୍ଲକ, ବାଙ୍ଗିରିପୋଷି ବ୍ଲକ ଓ କୁଳିଅଣା ଅନ୍ତର୍ଗତ ନଦୀ କୂଳ ପଞ୍ଚାୟତ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀ ନଦୀର କୂଳ କ୍ଷୟ ରୋକିବା ପାଇଁ ଜଳସମ୍ପଦ ବିଭାଗ କ'ଣ ପଦକ୍ଷେପ ନେଇଛି, ବୁଢ଼ାବଳଙ୍ଗା ଓ ବନ୍ୟା ସମସ୍ୟା ନିବାରଣ ଯୋଜନା ରହିଛି କି, ଥିଲେ ତାହାର ବ୍ୟୟ ଓ କ୍ଷୟପାଇଁ ସ୍ଥାୟୀ ତଟବନ୍ଧ (Embankment) କିମ୍ବା ଷ୍ଟୋନ୍ ପିଚିଂ ନିର୍ମାଣ ପାଇଁ କୌଣସି ଯୋଜନା ରହିଛି କି ?

----

## ଘରପୋଡି କ୍ଷତିଗ୍ରସ୍ତଙ୍କୁ 2ଟି ସୋପାନରେ କ୍ଷତିପୂରଣ ପ୍ରଦାନ

***39 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ତହସିଲମାନଙ୍କରେ ଘରପୋଡି ପାଇଁ ସରକାରଙ୍କର 2ଟି ସୋପାନ ଆଂଶିକ କ୍ଷତି ଓ ପୂର୍ଣ୍ଣକ୍ଷତି ଅନୁସାରେ କ୍ଷତିପୂରଣ ଲାଗି ବ୍ୟବସ୍ଥା ଅଛି କିନ୍ତୁ ଆଂଶିକଠାରୁ ଅଧିକ ଓ ପୂର୍ଣ୍ଣ ଠାରୁ କମ୍ କୌଣସି କ୍ଷତିପୂରଣ ସୋପାନ ନରହିବା କାରଣରୁ ଅଗ୍ନି କ୍ଷତିଗ୍ରସ୍ତମାନେ ସମସ୍ୟା ଭୋଗିବାର ଖବର ସରକାରଙ୍କ ପାଖରେ ଅଛି କି ; ଏଥିପାଇଁ ସରକାର କି ବ୍ୟବସ୍ଥା ଗ୍ରହଣ କରୁଛନ୍ତି?

----

### DMF Fund ବିନିଯୋଗ

*40 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଆର୍ଥିକ ବର୍ଷରେ ଗଞ୍ଜାମ ଜିଲ୍ଲାକୁ DMF Fund କେତେ ଆସିଛି, ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହାର କେତେ ପ୍ରତିଶତ ଖର୍ଚ୍ଚ ହୋଇଛି ଏବଂ କେତେ ହୋଇପାରିନାହିଁ, ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କୁ କେତେ ଦିଆଯାଇଛି ?

----

### Constituted the District Planning Committees

*41 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Is it a fact that since the change of Govt. District Planning Committees have not been constituted, if yes, the reasons thereof and by what time the Committees have been decided to be reconstituted and what are the guidelines for the reconstitution?

----

### ବନ୍ଦର ଗୁଡିକର ଉନ୍ନତିକରଣ

*42 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ବନ୍ଦର ମାନଙ୍କର ଉନ୍ନତିକରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି, ସେହି ଛୋଟ ବନ୍ଦର ଗୁଡିକ କେଉଁଠାରେ ଅବସ୍ଥିତ, ଉନ୍ନତିକରଣ ପାଇଁ କେଉଁ ସଂସ୍ଥା କେଉଁ ବନ୍ଦର କରିବାକୁ ଧାର୍ଯ୍ୟ କରାଯାଇଛି, ସେଗୁଡିକର ବର୍ତ୍ତମାନ ସ୍ଥିତି କ'ଣ, ନିଜସ୍ୱ ବ୍ୟବହାର ପାଇଁ ସରକାର କେଉଁ ସଂସ୍ଥା ମାନଙ୍କ ସହିତ MOU କରିଥିବାବେଳେ କେଉଁ ସଂସ୍ଥାମାନେ ସେଥିରୁ ଓହରିଯାଇଛନ୍ତି ଏବଂ କେତୋଟି ସଂସ୍ଥା ସେମାନଙ୍କର କାର୍ଯ୍ୟ ଚାଲୁ ରଖିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ କେତୋଟି ସୋଲାରବୋଟ କ୍ରୟ କରାଯାଇଛି ଏବଂ କେଉଁଠାରେ ମୁତୟନ କରାଯାଇଛି ?

----

### ଝାରସୁଗୁଡା ଜିଲ୍ଲାର ପ୍ରକାଶ ପାଉଥିବା ଖବରକାଗଜ

*43 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରୁ କେଉଁ କିସମର କେତୋଟି ଖବରକାଗଜ ପ୍ରକାଶିତ ହେଉଛି ଏବଂ ଏହିସବୁ ଖବରକାଗଜଗୁଡିକୁ ରାଜ୍ୟ ସରକାର ଗତ ୫ବର୍ଷ ମଧ୍ୟରେ କେତେ ଟଙ୍କାର ବିଜ୍ଞାପନ ପ୍ରଦାନ କରିଛନ୍ତି, ଏହାର ଏକ ଖବରକାଗଜୱାରୀ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି , ସେହିଭଳି ଝାରସୁଗୁଡା ଜିଲ୍ଲାର କେତୋଟି ୱେବଚ୍ୟାନେଲ ନିଜକୁ ସରକାରଙ୍କ ନିଟରେ ପଞ୍ଜିକୃତ କରିଛନ୍ତି ଓ ସେମାନେ ସବୁ କି କି ସୁବିଧା ପାଉଛନ୍ତି ତାହାର ଏକ ଚ୍ୟାନେଲୱାରୀ ତାଲିକା ପ୍ରଦାନ କରିବେ କି ?

----

## ଭୁବନଠାରେ ବସଷ୍ଟାଣ୍ଡ ନିର୍ମାଣ

*44 **ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନଠାରେ ଗୋଟିଏ ଉଚ୍ଚମାନର Bus Stand ଖୋଲିବା ପାଇଁ ପଦକ୍ଷେପ ନେବେ କି; ସହିଦ ବାଜିରାଉତ ନାମରେ ଖୋଲି ତାହା ଶହିଦ ବାଜିରାଉତଙ୍କ ପ୍ରତି ସମ୍ମାନ ହେବ ?

----

## ନାଗାବଳୀ ନଦୀ କୂଳରେ ଥିବା ରାୟଗଡା ସହରର ସ୍ଥିତି

*45 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲା ସଦର ମହକୁମା ଉପକଣ୍ଠର ହାତୀ ପଥର ନିକଟରେ ନାଗାବଳୀ ନଦୀଗତିପଥ ବଦଳାଇବା ପରେ କୂଳରେ ଥିବା ରାୟଗଡା ସହରର ସ୍ଥିତି ବର୍ତ୍ତମାନ କଣ ରହିଛି, କୂଳରେ ଗଢି ଉଠିଥିବା ସହର ତଳ ମାଟିର ସ୍ଥିତି କେବେ ଅନୁଧ୍ୟାନ କରାଯାଇଛି କି, ସହର ଭିତରେ ମାଟି ତଳେ ପ୍ରଭାବିତ ହୋଇ ନାହିଁତ, ନଦୀ କୂଳରେ ମାଟି ତଳେ କୋରଡ ହେଇ ନାହିଁତ, ଯଦି ଅନୁଧ୍ୟାନ ବା ସର୍ଭେ କରାଯାଇଛି ତେବେ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ କି, ଯଦି ଅନୁଧ୍ୟାନ କରାଯାଇନାହିଁ ତେବେ ଜନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସର୍ଭେ କରିବା ପାଇଁ ଯୋଜନା କରାଯାଇଛି ?

----

## ଭୂମିହିନଙ୍କୁ ଜମିପଟ୍ଟା ପ୍ରଦାନ

*46 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ନିର୍ବାଚନ ମଣ୍ଡଳୀରେ କେତେ ଭୂମିହୀନ ପରିବାର ଚିହ୍ନଟ ହୋଇଛନ୍ତି ତନ୍ମଧ୍ୟରୁ କେତେ ପରିବାରକୁ ଗତ 2 ବର୍ଷ ମଧ୍ୟରେ ଜମିପଟ୍ଟା ପ୍ରଦାନ କରାଯାଇଛିଓ ଅବଶିଷ୍ଟ ଭୂମିହୀନଙ୍କୁ କେବେ ସୁଦ୍ଧା ପଟ୍ଟା ପ୍ରଦାନ କରାଯିବ ?

----

## Status of mineral reserve in Balangir Districts

*47 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government state the status of mineral reserves in Balangir district, including iron ore, bauxite, and other minerals, and the steps being taken to ensure their sustainable extraction and development, will the Government inform about the environmental monitoring and safety measures implemented at mining sites in Balangir district to prevent land degradation and pollution, what steps are being taken by the Government to upgrade transport and logistics facilities in Balangir district to support mineral and steel industries, and to improve overall economic development ?

----

## DMF Fund ଦ୍ୱାରା ଖର୍ଚ୍ଚର ବିବରଣୀ

*48 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦେବଗଡ ଜିଲ୍ଲାକୁ ଗତ 5 ବର୍ଷ ମଧ୍ୟରେ କେତେ ପରିମାଣର DMF Fund ରୁ କେତେ ଟଙ୍କା କେଉଁ କେଉଁ Project ପାଇଁ ଖର୍ଚ୍ଚ ହୋଇଛି ଓ ଅଦ୍ୟାବଧି କେତେଟଙ୍କା ବଳକା ରହିଛି ?

----

## ନୂଆ କଳର ନିର୍ମାଣ

*49 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଘରୋଇ ଉଦ୍ୟୋଗରେ କେଉଁ କେଉଁ ସ୍ଥାନରେ ନୂଆ ବନ୍ଦର ନିର୍ମାଣ ଲାଗି କେଉଁ କମ୍ପାନୀ ଗୁଡ଼ିକ ସହ କେବେଠାରୁ ରାଜିନାମା ହେଲାଣି ଓ ସେସବୁ ବନ୍ଦରର କ୍ଷମତା ଓ ପ୍ରକଳ୍ପ ଅଟକଳ କେତେ ଏବଂ ସେଗୁଡ଼ିକର ନିର୍ମାଣରେ କି ଅଗ୍ରଗତି ଘଟିଲାଣି ଓ ଯଦି ଏଥିରେ ବିଳମ୍ବ ହୋଇଛି ତାର କାରଣ କଣ ;ସେ ସକ୍ରାନ୍ତରେ ସରକାର କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ?

----

## Enhanced Insurance Coverage in Gopabandhu Sambadik Swasthya Bima Yojana

*50 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Will the Govt give details of the wards of deceased Journalists in the State who have applied for Educational Scholarships and how many of them have obtained the same; (b) How many Journalists of the State have availed the enhanced insurance coverage in Gopabandhu Sambadik Swasthya Bima Yojana (GSSBY) and how many legal heirs of deceased and incapacitated Journalists in the state have so far, availed the ex-gratia benefits. details thereof ?

----

## OSRTC ବସ, ସେବା ଯୋଗାଇବା

*51 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡ଼ାକୁ ଓ ଖଣ୍ଡପଡ଼ା ଦେଇ ରାଜ୍ୟର ପ୍ରମୁଖ ସ୍ଥାନ ବ୍ରହ୍ମପୁର, ସମ୍ବଲପୁର, ଜୟପୁର, ବାଲେଶ୍ୱର ପରି ସହରକୁ ଗମନା ଗମନ ପାଇଁ ରାଜ୍ୟ ଟ୍ରାନ୍ସପୋର୍ଟ ଓଏସ.ଆର.ଟି.ସି ପକ୍ଷରୁ ବସସେବା ଯୋଗାଇ ଦେବାକୁ ପଦକ୍ଷେପ ନେବେ କି ?

----

## ଅଣ କେନାଲ ଜଳ ପରିବହନ ବ୍ୟବସ୍ଥା

*52 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ, ଟର୍କଲା, ଗିଗନା, ମୁସ୍କୁଟି, ପରେଲସିଙ୍ଗା ତଥା କର୍ମେ, ଭୀମକେଲା, ସରିଆଁ, ରୁପ୍ରାରୋଡ ଗ୍ରାମ ପଞ୍ଚାୟତରେ ଜଳସେଚନ ପାଇଁ ଗ୍ରାମପଞ୍ଚାୟତ ଗୁଡିକର ଅଣକେନାଲ ଜଳସେଚନ ଆଦି ଗୁଡିକୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମାନ ପ୍ରତିଷ୍ଠା କରି ଜଳସେଚନ କରିବା ପାଇଁ ସରକାରଙ୍କ କି ବ୍ୟବସ୍ଥା ଅଛି ?

----

## ବସୁନ୍ଧରା ଯୋଜନାର ପଟ୍ଟା ପ୍ରଦାନ

*53 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଫୁଲବାଣୀ ସହରର ସମସ୍ତ ଜମି ଖାସମାହାଲ ଜମି ଅଟେ ଏଣୁ ସରକାରଙ୍କ ଆଦେଶ ନାମା ପ୍ରାକରେ ଯଦି କୌଣସି ବ୍ୟକ୍ତି ସ.ନ 2006 ପୂର୍ବରୁ କୌଣସି ଜାଗା ଉପରେ ଘର କରି ଦଖଲରେ ଥିବାର ପ୍ରମାଣ ମିଳେ ତେବେ ଦଖଲ କାରିଙ୍କ ନାମରେ ରୟତି ସତ୍ୱରେ ପଟ୍ଟା ପ୍ରଦାନ କରିବା ନିୟମ ଥିଲେ ମଧ୍ୟ କେଉଁ କାରଣରୁ ସେମାନଙ୍କ ଦଖଲକୁ ବେଆଇନ ବୋଲି ବିବେଚନା କରାଯାଉଅଛି ଏବଂ ସରକାର ଏ ଦିଗରେ କଣ ପଦକ୍ଷେପ ଗ୍ରହଣ କରିଅଛନ୍ତି, (ଖ) ସରକାର ଭୂମିହିନଙ୍କ ପାଇଁ ବସୁନ୍ଧରା ଯୋଜନାରେ କେତେ ହିତାଧିକାରିଙ୍କୁ କନ୍ଧମାଳ ଜିଲ୍ଲାରେ ପଟ୍ଟା ବଣ୍ଟନ କରିଅଛନ୍ତି, ଫୁଲବାଣୀ ସବଡିଭିଜନ ଅନ୍ତର୍ଗତ ଖଣ୍ଡମାଳ, ଫିରିଙ୍ଗିଆ ଓ ଖଜୁରିପଡା ତହସିଲରୁ ବସୁନ୍ଧରା ଯୋଜନାରେ କେତେ ହିତାଧିକାରି ପଟ୍ଟା ଗ୍ରହଣ କରିଅଛନ୍ତି ଏବଂ ଗତ ସଂଷୋଧନ ବନ୍ଦୋବସ୍ତ ସମୟରେ କେତେ ହିତାଧିକାରିଙ୍କ ପଟ୍ଟା ପୁନଃଶ୍ଚ ସରକାରୀଖାତା ଭୁକ୍ତ ଅଟେ, ଯେଉଁ ହିତାଧିକାରୀଙ୍କ ପଟ୍ଟା ପୁନଃରାୟ ସରକାରି ଖାତା ଭୁକ୍ତ ହୋଇଅଛି ସେମାନଙ୍କୁ ପୁନଃଶ୍ଚ ପଟ୍ଟା ପ୍ରଦାନ କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି କନ୍ଧମାଳ ଜିଲ୍ଲାର ସମସ୍ତ ତହସିଲଦାର ମାନେ, ରାଜସ୍ୱ କମିଶନର ବ୍ରହ୍ମପୁରଙ୍କ ଆଦେଶକୁ କାର୍ଯ୍ୟକାରି କରୁନାହାନ୍ତି, ଯାହାଫଳରେ ଦିର୍ଘଦିନ ଧରି ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଅଛନ୍ତି ଏ ଦିଗରେ କଣ ପଦକ୍ଷେପ ନେଇ ଅଛନ୍ତି ?

----

## ଖଣିଲିଜ ବାବଦରେ ରାଜସ୍ୱ ଆଦାୟ

***54** **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ କେଉଁ କେଉଁ ଖଣିରୁ ଲିଜ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଓ କେତେ ଅନାଦେୟ ଅଛି, ସମସ୍ତ ଖଣି ରାଜସ୍ୱ ଆଦାୟ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**Amount allocated under CMSA scheme**

***55** **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) The total number of projects sanctioned and total amount allocated under the Chief Minister's Special Assistance (CMSA) scheme district wise during FY 2024-25 and 2025-26; (b) The district-wise breakup of CMSA projects, with specific details for Cuttack district, including project name, exact location/ward/village, nature of work, implementing agency, date of sanction and sanctioned amount; and The criteria, guidelines and monitoring mechanism adopted to ensure transparency, equitable distribution of CMSA-funded works across districts and constituencies ?

----

**ONDC & Commence Integration for Rural MSME**

***56** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The ministry's 'MSE Team' initiative targets integrating 5,00,000 MSEs onto the ONDC platform by 2025, with focus on tier-II and tier-III cities, how many MSMEs from Satyabadi have been successfully onboarded onto ONDC and GeM portals, what targeted capacity-building workshops are being conducted in Satyabadi Blok to ensure rural traders and artisans can leverage digital commence ?

----

**Electric Display ଦ୍ୱାରା ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନ**

***57** **ଶ୍ରୀ ମାଧବ ଧଡା (ସୋରୋ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାର କେଉଁ ସ୍ଥାନରେ ଇଲେକ୍ଟ୍ରୋନିକ୍ସ ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇ ଏ ବାବଦରେ କେଉଁ ଠିକା ସଂସ୍ଥାକୁ କେତେ ଅର୍ଥ ପ୍ରଦାନ କରାଯାଇଛି, ଅଥବା ସରକାରଙ୍କ ତରଫରୁ ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ରାଜ୍ୟ ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମ ସୋରୋ ଓ ବାହାନଗା block ଓ ସୋରୋ ବଜାରରେ ଇଲେକ୍ଟ୍ରୋନିକ୍ସ ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି, (ଖ) ସୋରୋ ନିର୍ବାଚନ ମଣ୍ଡଳୀ ଅଧିନରେ ଦୁଇ ଗୋଟି ବ୍ଲକରେ ମେଧାବୀ ବୃଦ୍ଧି ଜନିତ ଗୋଟିଏ ଲେଖାଏଁ Reading-cum-Library Room ଖୋଲିବାକୁ ବଜେଟର ବ୍ୟବସ୍ଥା କରି ତ୍ୱରିତ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବେ କି ?

----

## ଚଣ୍ଡିଖୋଲଠାରେ ପରିବହନ ହବ୍ ପ୍ରତିଷ୍ଠା

***58 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ରାଜପଥ-16 ଓ 53ର ମିଳିତ ଜଙ୍କସନ୍ ହେଉଛି ଚଣ୍ଡିଖୋଲ, NACର ମାନ୍ୟତା ପାଇଥିବା ଚଣ୍ଡିଖୋଲକୁ ଆର୍ଥିକ ଦୃଷ୍ଟିରୁ ବିକଶିତ କରିବା ଲାଗି ଏଠାରେ ଟ୍ରକ୍ ଟର୍ମିନାଲ୍ ସହିତ ଏକ ସମନ୍ୱିତ ପରିବହନ ହବ୍ ପ୍ରତିଷ୍ଠା ପାଇଁ ସରକାର ଯୋଜନା କରିବେ କି ?

----

## ସମନ୍ୱିତ ନିଷ୍କାସନ ପ୍ରକଳ୍ପ କାର୍ଯ୍ୟକାରୀ

***59 ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସଦର ବିଧାନସଭାର ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଜନାର୍ଦ୍ଦନପୁରରୁ ବିଲାହାଟ ପର୍ଯ୍ୟନ୍ତ (ମାଣିକପୁର, ସାନ୍ତାପୁର, ବାବୁଜଙ୍ଗ, ମଣିଜଙ୍ଗ ଦେଇ) ଏକ ସମନ୍ୱିତ 'ନିଷ୍କାସନ ପ୍ରକଳ୍ପ' କାର୍ଯ୍ୟକାରୀ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି, ୧୦ ଟି ପଞ୍ଚାୟତର ୫,୦୦୦ ଏକର ଚାଷ ଜମିକୁ ବନ୍ୟା ଓ ଜଳବନ୍ଦୀରୁ ରକ୍ଷା କରିବା ପାଇଁ ଡ୍ରେନଗୁଡିକର ପୁନରୁଦ୍ଧାର ଓ ପଙ୍କୋଦ୍ଧାର ପାଇଁ କୌଣସି ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯାଇଛି କି ?

----

## ନୂତନ ରାଜସ୍ୱଗ୍ରାମ ମାନ୍ୟତା

***60 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତେ ରାଜସ୍ୱଗ୍ରାମ ଅଛି ଓ ନୂଆକରି କେଉଁ ଜିଲ୍ଲାରେ କେତେ ରାଜସ୍ୱଗ୍ରାମ ବର୍ତ୍ତମାନସୁଦ୍ଧା ସରକାର ମଞ୍ଜୁର ଦେଲେ ଏବଂ କେତେ ଗ୍ରାମ ସରକାରଙ୍କର ବିଚାରାଧୀନ ଅଛି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ନୂଆ ରାଜସ୍ୱଗ୍ରାମକୁ ମାନ୍ୟତା ଦେବା ସକାଶେ ବର୍ତ୍ତମାନ ସରକାରଙ୍କର ଆନୁଷ୍ଠାନିକ ଘୋଷଣା କେଉଁସ୍ତରରେ ?

----